# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 February – 2026

*******************************

## ମୁଖ୍ୟ ସମ୍ବାଦ

- ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ ବିଲ୍-୨୦୨୬ ଉପରେ ଲୋକସଭାରେ ଜାରି ରହିଛି ଆଲୋଚନା
- ଦେଶର ଶିକ୍ଷା ଇକୋସିଷ୍ଟମ୍‌ରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି; କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ
- ରାଜ୍ୟର ଆର୍ଥିକ ଅନଗ୍ରସର ବରିଷ୍ଠ ନାଗରିକଙ୍କ ପାଇଁ ଆସନ୍ତାକାଲି ଆରମ୍ଭ ହେବ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା
- ଧାନ କ୍ରୟ ପ୍ରକ୍ରିୟାକୁ ସୁସଂହତ କରିବା ପାଇଁ ୧୦୦ଟି ଆଦର୍ଶ ମଣ୍ଡିରେ ଗୋଦାମ ଘର ତିଆରି ପାଇଁ ପଦକ୍ଷେପ ନେଉଛନ୍ତି ସରକାର

ଏବଂ

- ପ୍ରକାଶ ପାଇଲା ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା-୨୦୨୫ ଫଳାଫଳ

## ଶିଳ୍ପ ସଂହିତା

ଲୋକସଭାରେ ଆଜି ଶିଳ୍ପ ସମ୍ପର୍କ ସଂହିତା ସଂଶୋଧନ ବିଲ ୨୦୨୬ ଉପରେ ଆଲୋଚନା ହୋଇଛି। ଶିଳ୍ପ ସମ୍ପର୍କ ସଂହିତା ୨୦୨୦ରେ କେତେକ ସଂଶୋଧନ ନେଇ ଏଥିରେ ପ୍ରସ୍ତାବ ରହିଛି। ଟ୍ରେଡ୍ ୟୁନିୟନ୍ ଆଇନ୍ ୧୯୨୬, ଶିଳ୍ପ ନିଯୁକ୍ତି ସ୍ଥାୟୀ ଆଦେଶ ଆଇନ୍ ୧୯୪୬ ଏବଂ ଶିଳ୍ପ ବିବାଦ ଆଇନ୍ ୧୯୪୭ କୁ ଏକୀକୃତ କରାଯାଇ ଏହି ନୂତନ ସଂହିତା ୨୦୨୦ ପ୍ରସ୍ତୁତ ତଥା ପ୍ରଚଳନ କରାଯାଇଛି। ସଂହିତାର ଧାରା ୧୦୪ ଅନୁଯାୟୀ, ପୂର୍ବ ଆଇନ୍‌ଗୁଡ଼ିକର ବ୍ୟବସ୍ଥାରେ ଗ୍ରହଣ କରାଯାଇଥିବା ପଦକ୍ଷେପର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ସୃଷ୍ଟ ଦ୍ୱନ୍ଦ୍ୱକୁ  ଦୂର କରିବା ଲକ୍ଷ୍ୟରେ ଏହି ସଂଶୋଧନ ବିଲ୍ ୨୦୨୬ ଗୃହରେ ଆଗତ ହୋଇଛି। ଗତକାଲି ଗୃହରେ କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡଭିୟ ଉପସ୍ଥାପନ କରିଥିଲେ। ଆଲୋଚନା ଆରମ୍ଭ କରି କଂଗ୍ରେସର କୋଡିକୁନିଲ ସୁରେଶ ଶିଳ୍ପ ସମ୍ପର୍କ ସଂହିତା ଯୁବବର୍ଗଙ୍କ ମଧ୍ୟରେ ବେରୋଜଗାରୀ ବୃଦ୍ଧି ତଥା ନିଯୁକ୍ତି କ୍ଷେତ୍ରକୁ ପ୍ରଭାବିତ କରିବ ବୋଲି ଅଭିଯୋଗ କରିଛନ୍ତି। ବିଜେପି ସାଂସଦ ଦର୍ଶନ ସିଂହ ଚୌଧୁରୀ ଏହି ସଂହିତା ଦେଶର ଶ୍ରମିକଙ୍କ ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିବା ସହ ବ୍ୟବସାୟ କରିବାର ସହଜତାକୁ ପ୍ରୋତ୍ସାହନ ପ୍ରଦାନ କରିବ ବୋଲି କହିଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ

କୃତ୍ରିମ ବୁଦ୍ଧିମତ୍ତାର ସ୍ଥାପତ୍ୟ ମେସିନ୍ ଏବଂ ଭାବାବେଗର ମିଶ୍ରଣରେ ଆରମ୍ଭ ହେଲେ ଭାରତ ବିଶ୍ୱ ସ୍ତରରେ ଏକ ଶକ୍ତିଶାଳୀ ରାଷ୍ଟ୍ରର ମାନ୍ୟତା

ପାଇବ ବୋଲି ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ନୂଆଦିଲ୍ଲୀଠାରେ ଆୟୋଜିତ ଭାରତ ବୋଧନ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ୨୦୨୬ରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ଭାରତର କୃତ୍ରିମ ବୁଦ୍ଧିମତ୍ତା ସମାବେଶୀ, ସହନଶୀଳ, ନୀତିଗତ, ଦାୟିତ୍ୱପୂର୍ଣ୍ଣ ଓ ସାର୍ବଭୌମ ହେବା ଦରକାର। ଦେଶର ଶିକ୍ଷା ଇକୋସିଷ୍ଟମ୍‌ରେ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ତୃତୀୟ ଶ୍ରେଣୀରୁ ଗବେଷଣା ସ୍ତର ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତାକୁ ଦେଶର ଶିକ୍ଷା ଢ଼ାଞ୍ଚାରେ ସାମିଲ କରାଯିବା ଉପରେ ସେ ଗୁରୁତ୍ୱ ପ୍ରଦାନ କରିଛନ୍ତି।

**- V/O - (ଧର୍ମେନ୍ଦ୍ର ପ୍ରଧାନ)**

ଆଗାମୀ ୫ ବର୍ଷ ମଧ୍ୟରେ ଏଆଇ ବିଶ୍ୱ ଅର୍ଥନୀତି ୧୫ ଟ୍ରିଲିୟନ୍ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଛି। ଭାରତର ପ୍ରତ୍ୟେକ ଶିକ୍ଷାର୍ଥୀଙ୍କୁ ଏଆଇ ସାକ୍ଷରତା ଉପରେ ସଶକ୍ତ ହେବାକୁ ପଡିବ। ଏହି ଅବସରରେ ଶ୍ରୀ ପ୍ରଧାନ ଆଇଆଇଟି ମାଡ୍ରାସ୍, ବୋଧନ ଏଆଇ ଫାଉଣ୍ଡେସନ୍‌ର ଲୋଗୋ ଏବଂ ୱେବ୍‌ସାଇଟ୍ ଉନ୍ମୋଚନ କରିଛନ୍ତି।

## ମୁଖ୍ୟମନ୍ତ୍ରୀ-ଶ୍ରୀଜଗନ୍ନାଥ

ରାଜ୍ୟର ବୟସ୍କ ଆର୍ଥିକ ଅନଗ୍ରସର ନାଗରିକଙ୍କ ପାଇଁ ଏକ ନୂତନ ଲୋକାଭିମୁଖୀ ଯୋଜନା ଶ୍ରୀଜଗନ୍ନାଥ ଦର୍ଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବରଙ୍ଗପୁରଠାରୁ ଏହି ଯୋଜନାର ଶୁଭାରମ୍ଭ କରିବେ। ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ

ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ୬୦ ରୁ ୭୫ ବର୍ଷ ବୟସ୍କ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକ ଏହି ଯୋଜନାରେ ସାମିଲ ହେବେ। ୭୫ ବୟସ ଏବଂ ତାଠାରୁ ଅଧିକ ବିଧବା ମହିଳା ମଧ୍ୟ ଏହି ଯୋଜନାର ହିତାଧିକାରୀ ହେବେ ବୋଲି ଡକ୍ଟର ସ୍ୱାଇଁ କହିଛନ୍ତି। ଯୋଜନା ଅଧୀନରେ ଆସନ୍ତାକାଲି ନବରଙ୍ଗପୁର ଜିଲ୍ଲାରୁ ୧୬୦ ଜଣ ହିତାଧିକାରୀଙ୍କ ସହ ୪ଟି ବସ୍ ପୁରୀ ଅଭିମୁଖେ ବାହାରିବ। ଅନ୍ୟ ଜିଲ୍ଲାରୁ ମଧ୍ୟ ହିତାଧିକାରୀ ଏହି ଯୋଜନାରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଗସ୍ତ କରିବେ। ଡକ୍ଟର ସ୍ୱାଇଁ ଆହୁରି କହିଛନ୍ତି, ନବରଙ୍ଗପୁର ଜିଲ୍ଲାକୁ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମେଡିକାଲ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି। ନନ୍ଦାହାଣ୍ଡି ବ୍ଲକ୍‌ର ପଡାଲଗୁଡ଼ା ମଉଜାରେ ଏଥିପାଇଁ ୫୦ ଏକର ୫୪ ଡିସ୍‌ମିଲ ଜମି ଚିହ୍ନଟ କରାଯାଇଛି। ଏଥିସହ ୪୪୬ କୋଟି ୨୬ ଲକ୍ଷ ଟଙ୍କା ବ୍ୟୟରେ କେତେକ ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ବୋଲି ଜିଲ୍ଲାପାଳ ଡକ୍ଟର ସ୍ୱାଇଁ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ସଂଶୋଧନ ବିଲ୍

ଆର୍ଥିକ ଶୃଙ୍ଖଳା ମାଧ୍ୟମରେ ବିଦ୍ୟୁତ୍ ବଣ୍ଟନ କ୍ଷେତ୍ରକୁ ସୁଦୃଢ଼ କରିବା ଲକ୍ଷ୍ୟନେଇ ବିଦ୍ୟୁତ୍ ସଂଶୋଧନ ବିଲ୍ ଖୁବ୍ ଶୀଘ୍ର ଗୃହରେ ଆଗତ କରାଯିବ ବୋଲି  କେନ୍ଦ୍ର ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ଯଶୋ ନାୟକ କହିଛନ୍ତି। ଲୋକସଭାରେ ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୨୦୧୪ ମସିହା ପରଠାରୁ ଦେଶରେ ବିଦ୍ୟୁତ୍ କ୍ଷେତ୍ରରେ ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଭାରତ ଏକ ବିଦ୍ୟୁତ୍ ନିଅଣ୍ଟିଆ ଦେଶରୁ ଏବେ ବଳକା ଦେଶ

ଭାବେ ପରିବର୍ତ୍ତିତ ହୋଇଛି। ଭାରତ ବର୍ତ୍ତମାନ ପଡୋଶୀ ରାଷ୍ଟ୍ରଗୁଡ଼ିକୁ ବିଦ୍ୟୁତ ଯୋଗାଇ ପାରୁଛି। ଅର୍ଥନୀତିକୁ ସୁଦୃଢ଼ କରିବା ସହ ବିଦ୍ୟୁତ କ୍ଷେତ୍ରରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି ସେ କହିଛନ୍ତି।

## ଧାନ କ୍ରୟ

ରାଜ୍ୟର ଚାଷୀଙ୍କଠାରୁ ସମସ୍ତ ଧାନ ସରକାର କ୍ରୟ କରିବେ ବୋଲି ସମବାୟ ମନ୍ତ୍ରୀ **ପ୍ରଦୀପ ବଳସାମନ୍ତ** ସ୍ପଷ୍ଟ କରିଛନ୍ତି।  ମିଲରଙ୍କ ପାଖରେ ଧାନ ରଖିବା ପାଇଁ ସଂରକ୍ଷଣ କ୍ଷମତା କମ୍ ରହିଥିବାରୁ ମଣ୍ଡିରୁ ଧାନ ଉଠାଇବାରେ ବିଳମ୍ବ ହେଉଛି। ଚଳିତବର୍ଷ ଭଲ ଧାନ ଅମଳ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାର ସଂରକ୍ଷଣ କ୍ଷମତା ବୃଦ୍ଧି କରିବାକୁ ପଦକ୍ଷେପ ନେଉଛନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ୧୦୦ଟି ଆଦର୍ଶ ମଣ୍ଡିରେ ଗୋଦାମ ଘର ତିଆରି ପାଇଁ ବ୍ୟବସ୍ଥା ହୋଇଛି। ୩୮ଟି ମଣ୍ଡିରେ  ଟେଣ୍ଡର ପ୍ରକ୍ରିୟା ପାଇଁ ଓବିସିସିକୁ ୩୧୨ କୋଟି ଟଙ୍କା ମଞ୍ଜୁରୀ ପ୍ରଦାନ କରାଯାଇଛି। ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟ ୬୨ଟି ଆଦର୍ଶ ମଣ୍ଡିରେ ଗୋଦାମ ଘର ତିଆରି କରାଯିବ। ଏହା ପରେ ପର୍ଯ୍ୟାୟକ୍ରମେ ପ୍ରତି ପଞ୍ଚାୟତରେ ମଣ୍ଡି ଏବଂ ଗୋଦାମଘର ତିଆରି ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସମୟସୀମା ଶେଷ ହୋଇଥିବା ଟୋକନଗୁଡ଼ିକ ପାଇଁ ଆଉ ୧୫ ଦିନ ଅବଧି ବୃଦ୍ଧି କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

## - V/O - (ପ୍ରଦୀପ ବଳସାମନ୍ତ)

## ଭାରତନିଧି ଯୋଜନା

ଡିଜିଟାଲ ଭାରିତନିଧି ଯୋଜନାରେ ରାଜ୍ୟର ସବୁ ଅଞ୍ଚଳକୁ ୪-ଜି ଏବଂ ୫-ଜି ସେବାରେ ଯୋଡ଼ିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଆସନ୍ତା ମାର୍ଚ୍ଚ ମାସ ସୁଦ୍ଧା ରାଜ୍ୟର ସବୁ ସ୍ଥାନକୁ ନେଟ୍‌ଓ୍ୱର୍କ ସୁବ୍ୟବସ୍ଥିତ କରାଯିବ ବୋଲି ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି। ଏ ନେଇ ଟେଲିକମ୍ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ସେ ସୂଚନା ଦେଇଛନ୍ତି।

## ଜମି କିଣାବିକା

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମ୍ମିଳିତ ଉଦ୍ୟମରେ ନୂଆ ଜମି ପଟ୍ଟା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ପଟ୍ଟାରେ ଏଣିକି ଏକ ଇଲେକ୍‌ଟ୍ରୋନିକ୍ସ କ୍ୟୁଆର୍ କୋଡ୍ ରହିବ। ଫଳରେ ଏହାକୁ ସ୍କାନ୍ ଦ୍ୱାରା ଜମିର ସମ୍ପୂର୍ଣ୍ଣ ବିବରଣୀ ହାସଲ ହୋଇପାରିବ। ଜମି କିଣାବିକା କ୍ଷେତ୍ରରେ ହେଉଥିବା ଠକେଇକୁ ପ୍ରତିହତ କରିବାରେ ଏହା ସହାୟକ ହେବ। ଜମି କିଣାବିକାର ସଠିକତା ନେଇ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକ ଯାଞ୍ଚ କରିପାରିବେ  ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣିତି କାର୍ଯ୍ୟକୁ ଆସନ୍ତା ୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ରତ୍ନଭଣ୍ଡାର ଚାବି ହଜିବା ରିପୋର୍ଟ ଆସନ୍ତା ବିଧାନସଭା ଅଧିବେଶନରେ

ଉପସ୍ଥାପନ ହେବ। ଜଷ୍ଟିସ୍ ରଘୁବୀର ଦାସ କମିଶନଙ୍କ ରିପୋର୍ଟକୁ ଉପସ୍ଥାପନ କରିବା ନେଇ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ପୁଞ୍ଜିନିବେଶ

ରାଜ୍ୟରେ ଶିଳ୍ପ ଓ ପୁଞ୍ଜିନିବେଶ କ୍ଷେତ୍ରକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଜମି ଆବଣ୍ଟନ କମିଟି ବୈଠକରେ ଦୀର୍ଘ ଦିନରୁ ଅଟକି ରହିଥିବା ୩୧ଟି ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ ଅନୁମୋଦିତ ହୋଇଛି। ଇଡ୍କୋ ଅଧ୍ୟକ୍ଷ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟରେ ବିପୁଳ ପୁଞ୍ଜିନିବେଶର ପଥ ଉନ୍ମୁକ୍ତ ହେବା ସହ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା କରାଯାଉଛି। ପୋଷାକ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ବୈଷୟିକ ଭଳି ବିଭିନ୍ନ କ୍ଷେତ୍ରରେ ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ସ୍ଥାପନ କରାଯିବ। କୋରାପୁଟ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଅଣଶିଳ୍ପାଞ୍ଚଳ ତଥା ପଛୁଆ ଜିଲ୍ଲାଗୁଡ଼ିକ ପାଇଁ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକୁ ପ୍ରାଥମିକତା ପ୍ରଦାନ କରାଯାଇଛ। ରାଜ୍ୟର ସବୁ ଅଞ୍ଚଳରେ ଶିଳ୍ପାୟନର ସୁଫଳ ସରକାର ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି। ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ।

## ଓଟିଇଟି

ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା - ଓଟିଇଟି ୨୦୨୫ ର ଫଳାଫଳ ଆଜି ପ୍ରକାଶ ପାଇଛି। ପ୍ରଥମ ପେପରରେ ୪୫ ହଜାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୨ ହଜାର ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ପେପରରେ ୧ ଲକ୍ଷ ୮ ହଜାର

ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୩ ହଜାର ୯୫୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ପେପରର ମୋଟ୍ ୧ ଲକ୍ଷ ୬ ହଜାର ୪୧ ଜଣ ଉତ୍ତୀର୍ଣ୍ଣ ହୋଇଥିବା ନେଇ ବୋର୍ଡ ପକ୍ଷରୁ ଜଣାପଡିଛି। ପରୀକ୍ଷାର ଫଳାଫଳ **bseodish.ac.in**ରେ ଉପଲବ୍ଧ ଅଛି।

## ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ

**ଭଦ୍ରକ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ହୃଦ୍‌ରୋଗ ନିରୂପଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ଏହି ଶିବିରରେ ୨୦୦ରୁ ଅଧିକ ୧୮ ବର୍ଷ ପର୍ଯ୍ୟନ୍ତ ବାଳକ-ବାଳିକାଙ୍କର ହୃଦ୍‌ରୋଗ ନେଇ ପରୀକ୍ଷା କରାଯିବା ସହ ୫୯ ଜଣ ରୋଗୀଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ଚିକିତ୍ସା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାସ୍ଥ୍ୟ ସମିତି କହିଛି।

## ଆଚାର୍ଯ୍ୟ ହରିହର

**ପୁରୀ** ଜିଲ୍ଲା ସଦ୍‌ଭାବନା ସଭାଗୃହରେ ଆଚାର୍ଯ୍ୟ ହରିହରଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ଯୋଗଦେଇ କହିଛନ୍ତି, ଆଚାର୍ଯ୍ୟ ହରିହରଙ୍କ ଜୀବନୀ ଓ ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ। ଜୀବନ, ସେବା, ସମର୍ପଣ ଓ ତ୍ୟାଗର ଦର୍ଶନ ଆଚାର୍ଯ୍ୟ ହରିହରଙ୍କ ଜୀବନୀରୁ ମିଳିଥାଏ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ, ସର୍ବୋଦୟ ମେଳା ସମିତିର

ସଦସ୍ୟ, ବରିଷ୍ଠ ନାଗରିକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ ।

# ହକି – ପ୍ରୋ ଲିଗ୍

ପୁରୁଷ ହକିରେ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ରାଉରକେଲାସ୍ଥିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଭାରତ ଏବଂ ଆର୍ଜେଣ୍ଟିନା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଗତକାଲି ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ୧-୩ରେ ବେଲ୍‌ଜିୟମଠାରୁ ପରାସ୍ତ ହୋଇଥିଲା । ଆସନ୍ତା ୧୪ ତାରିଖରେ ଭାରତ’ ବେଲଜିୟମ ବିପକ୍ଷରେ ଏବଂ ୧୫ ତାରିଖରେ ଆର୍ଜେଣ୍ଟିନା ବିପକ୍ଷରେ ମ୍ୟାଚ୍ ଖେଳିବ ।

# ପାଣିପାଗ

ରାଜ୍ୟରେ ଆଗାମୀ ସପ୍ତାହକ ମଧ୍ୟରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ରାଜ୍ୟର ପାଗ ଏହି ସମୟ ମଧ୍ୟରେ ଶୁଖିଲା ରହିବ । ଆଜି ସକାଳେ କେତେକ ସ୍ଥାନରେ ହାଲୁକା କୁହୁଡି ଦେଖିବାକୁ ମିଳିଥିଲା ।